# Akashvani, Sambalpur

## SAMBALPURI NEWS EVENING BULLETIN

**06 October 2025- 7.02 pm- 7.12 pm.**

*********************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୪୦ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଦେଲେ ମାଇ ଭାରତ୍ - ଜାତୀୟ ସେବା ଯୋଜ୍‌ନା ପୁରସ୍କାର୍ ।

୨- ନୂଆପଡ଼ା ନ ୧୧ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ୯ ଶହ ୫୭ ଟା ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

- ଖୋବ୍ ଜଲ୍‌ଦି ରାଜ୍ୟର୍ ସବୁ ତହସିଲ୍ ନ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଖୁଲ୍‌ବାର୍‌କେ କଲେ ଘୋଷ୍‌ନା ।

୩- ନୂଆପଡ଼ା ଉପ ନିର୍ବାଚନ୍ ଲାଗି ଘୋଷ୍‌ନା ହେଲା ତାରିଖ୍ ।

- ଆଏବା ମାସ ୧୧ ତାରିଖ୍ ହେବା ଭୋଟ୍ ।

ଆଉର୍

୪- ଗଜଲକ୍ଷ୍ମୀ ପୂଜା ଆର୍ କୁମାର୍ ପୂର୍ଣ୍ଣିମା ଲାଗି ଗାଁନୁ ସହର୍‌ତକ୍ ଉସ୍‌ନାକି ।

- ରାଜରାଜେଶ୍ୱରୀ ବେଶଥି ଦର୍ଶନ୍ ଦଉଛନ୍ ମା ସମଲେଶ୍ୱରୀ ।

ମାଇ ଭାରତ୍ ଏନ୍ଏସ୍ଏସ୍ ପୁରସ୍କାର୍ ଏନ୍ଏସ୍ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ମାଇ ଭାରତ୍ - ଜାତୀୟ ସେବା ଯୋଜ୍ନା -ଏନ୍ଏସ୍ଏସ୍ ପୁରସ୍କାର୍-୨୦୨୨-୨୩ ପ୍ରଦାନ୍ କରିଛନ୍ । ରାଷ୍ଟ୍ରପତି ଭବନ୍ ଠାନେ ହେଇଥିବା ସମ୍ମାନ୍ ସମାରୋହଥି ଏନ୍ଏସ୍ଏସ୍ କେନ୍ଦ୍ର ଆଉ ତାର୍ କାର୍ଯ୍ୟକ୍ରମ୍ ଅଧିକାରୀ ଆଉ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ମାନ୍କୁ ୪୦ ଟା ପୁରସ୍କାର୍ ଦିଆଯାଇଛେ । ଜାତୀୟ ସେବା ଯୋଜ୍ନାର୍ ଯୁଆନ୍ ସ୍ୱେଚ୍ଛାସେବୀମାନ୍କର୍ ପ୍ରଶଂସନୀୟ ଅବଦାନ୍, ସମର୍ପଣ, ସେବା ଆଉ ନେତୃତ୍ୱକେ ସମ୍ମାନ୍ ଜନାବାର୍ ଲାଗି ଫି’ ବଛର୍ କେନ୍ଦ୍ର ଯୁବବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ତର୍ଫୁ ଇ ପୁରସ୍କାର୍ ଦିଆଯାଏସି । ସମାରୋହଥି ବିଭାଗ୍ର ମନ୍ତ୍ରୀ ଡକ୍ଟର୍ ମନ୍ସୁଖ୍ ମାଣ୍ଡଭିୟ ଉପସ୍ଥିତ୍ ଥିଲେ ।

ମୁଖ୍ୟମନ୍ତ୍ରୀ- ନୂଆପଡ଼ା ନୂଆପଡ଼ା/ଭୁବ୍ନେଶ୍ୱର୍

ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନ୍‌କିଆ ନୂଆପଡ଼ା ଗସ୍ତ କରିକରି ୧୧ ଶହ କୋଟିନୁ ଅଏତ୍‌କା ଟଙ୍କାର୍ ୯ ଶହ ୫୭ ଟା ପ୍ରକଳ୍ପ ଶୁଭାରମ୍ଭ କର୍‌ବାର୍ ସହେତେ ବହୁତ୍‌ଟେ ଘୋଷ୍‌ନା କରିଛନ୍ । ୯ ଶହ ୫୭ ଟା ପ୍ରକଳ୍ପ ଭିତ୍‌ରେ ୬୪ କୋଟି ୨ ଲାଖ୍ ଟଙ୍କାର୍ ଶହେ ୯ ଟା ପ୍ରକଳ୍ପ ଲୋକାର୍ପଣ୍ କରାଯାଇଥିଲା ବେଲେ୍ ଶହେ ୫୯ କୋଟି ୭୬ ଲାଖ୍ ଟଙ୍କାର୍ ୩୯ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ କରାଯାଇଛେ । ସେନ୍ତା ମୁଖ୍ୟମନ୍ତ୍ରୀ ୭୫ କୋଟି ୩୭ ଲାଖ୍ ଟଙ୍କାର୍ ଭିନ୍ ଭିନ୍ ନୂଆଁ ପ୍ରକଳ୍ପ ଘୋଷ୍‌ନା କରିଛନ୍ । ଇତାର୍ ସହେତେ ଜିଲ୍ଲା ନ ଜଲ୍‌ସେଚନ୍ ବ୍ୟବସ୍ଥାର୍ ବିକାଶ୍ ଲାଗି ମୁଖ୍ୟମନ୍ତ୍ରୀ ଅଲ୍‌ଗା କରି ୮ ଶହ ୨ କୋଟି ୯ ଲାଖ୍ ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପ ଘୋଷ୍‌ନା କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ରାଜ୍ୟର୍ ସବୁ ଇଲାକାର୍ ବିକାଶ୍ ଲାଗି ସର୍‌କାର୍ ନିଷ୍ଠାର୍ ସହେତେ କାମ୍ କରୁଛନ୍ ଆଉ ନୂଆପଡ଼ାର୍ ଲୁକ୍‌କର୍ ଲାଗି ତାଙ୍କର୍ କାର୍ଯ୍ୟାଳୟ ସବୁବେଲେ ଖୁଲା ରହେବା ବଲି କହିଛନ୍ ।...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୭ ଟା ନୂଆଁ ସବ୍ ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଘୋଷ୍‌ନା କର୍‌ବାର୍ ସହେତେ ଖୋବ୍ ଜଲ୍‌ଦି ରାଜ୍ୟର୍ ସବୁ ତହସିଲ୍ ନ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଖୁଲ୍‌ବା ବଲି ଘୋଷ୍‌ନା କରିଛନ୍ ।

୭ ଟା ନୂଆଁ ସବ୍‌ରେଜିଷ୍ଟ୍ରେସନ୍ କାର୍ଯ୍ୟାଳୟ ଭିତ୍‌ରେ ନୂଆପଡ଼ା ଜିଲ୍ଲା ନ ୩ ଟା ଆର୍ ମାଲ୍‌କାନ୍‌ଗିରି ନ ୪ ଟା ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖରିଆର୍ ରୋଡ୍‌କେ ମ୍ୟୁନିସିପାଲ୍‌ଟି ଆଉ କୋମ୍‌ନା ଆଉ ସିନାପାଲି କେ ନୂଆଁ ବିଜ୍ଞପିତ ଅଂଚଲ ପରିଷଦ୍ ଭାବେ ଘୋଷ୍‌ନା କରିଛନ୍ ।

ସମାରୋହଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ ମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍, ପଂଚାୟତିରାଜ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ, ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍, ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ୍ ଥିଲେ ।

ମେଡ଼ିସିନ୍ -ନୋବେଲ୍ ପୁରସ୍କାର ଆର୍‌ଏନ୍‌ୟୁ/ ସମ୍ବଲପୁର

ମେଡ଼ିସିନ୍ ଲାଗି ଆଏଜ୍ ନୋବେଲ୍ ପୁରସ୍କାର୍ -୨୦୨୫ ଘୋଷ୍‌ନା କରାଯାଇଛେ । ଇ ବଛର୍ ଆମେରିକାର୍ ୨ ଝନ୍ ବୈଜ୍ଞାନିକ୍ ମେରି ଇ. ବ୍ରୁନ୍‌କୋ ଆଉ ଫ୍ରେଡ୍ ରାମ୍ସଡେଲ୍ ଆର୍ ଜାପାନ୍‌ର ସିମୋନ୍ ସାକାଗୁଚି ସମ୍ମାନ୍ ଜନକ୍ ନୋବେଲ୍ ପୁରସ୍କାର୍ ପାଏବେ । ମୁନୁଷର୍ ଦିହେ ରୋଗ

ପ୍ରତିରୋଧକ୍ ଶକ୍ତି ବଢ଼ାବାର୍ ଦିଗେ ମେଡ଼ିସିନ୍ ଗବେଷଣା ଲାଗି ତିନ୍‌ହି ଝନ୍‌କୁ ଇ ପୁରସ୍କାର୍ ଦିଆଯିବା ।

କଟକ୍ କର୍ଫ୍ୟୁ          ଆର୍‌ଏନ୍‌ୟୁ/ ସମ୍ୱଲପୁର/ I&PR

କଟକ୍ ଗଣ୍ଡଗୋଲ୍ ଘଟ୍‌ନାଥି ପୁଲିସ୍ ତର୍‌ଫୁ ୮ ଝନ୍‌କୁ ଗିରଫ୍ କରାଯାଇଛେ । ଶାନ୍ତିଶୃଙ୍ଖଲା ରକ୍ଷା କର୍‌ବାର୍ ଲାଗି କଟକ୍‌ର ୧୩ ଥାନା ଇଲାକା ନ ଆଏବା କାଏଲ୍ ସଞ୍ଜ୍‌ବେଲର୍ ୭ ବଜେତକ୍ କର୍ଫ୍ୟୁ ଜାରି ରହେବାର୍ ସହେତେ ମୋବାଇଲ୍ ଇଂଟର୍‌ନେଟ୍ ସେବା ବନ୍ଦ୍ ରଖ୍‌ବାର୍‌କେ ଗୃହ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ ।

ସେଆଡ଼େ ଘଟ୍‌ନାକେ ନେଇକରି ଓଡ଼ିଶା ପୁଲିସ୍ ତର୍‌ଫୁ ସାଧାରଣ୍ ଲୁକ୍‌କର୍ ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ସୋସିଆଲ୍ ମିଡ଼ିଆଥି କେନ୍‌ସି ଭିଲ୍ ଖବର୍ ପୋଷ୍ଟ୍ କର୍‌ବାର୍ ଆଘୋନୁ ତାର୍ ସତ୍ୟତା ଯାଂଚ୍ କର୍‌ବାର୍ ସହେତେ ଭୁଲ୍ ଆଉ ଉତେଜନାମୂଲକ୍ ପୋଷ୍ଟ୍ କର୍‌ବାର୍‌ନୁ ଦୂରେ ରହୁନ୍ ବଲିକରି ପୁଲିସ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଯେନ୍‌ମାନେ ଭୁଲ୍ ସୂଚ୍‌ନାର୍ ପ୍ରଚାର୍ ପ୍ରସାର୍ କରୁଛନ୍ ସେମାନ୍‌କର୍ ବିରୋଧ୍‌ଥି ଆଇନ୍ ଅନ୍‌ସାରେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । କିଛି ଲୋକ୍ ଏନ୍ତା ମିଛ୍ କଥା ପ୍ରଚାର୍ କରିକରି ସମାଜ୍ ନ ଅଶାନ୍ତି

ଫଇଲଉଛନ୍ । ଇତାକେ ନେଇକରି ଲୁକେ ସଚେତନ୍ ରହେବାର୍ ସହେତେ କେନ୍‌ସି ଭିଲ୍ ଭୁଲ୍ ସୋସିଆଲ୍ ମିଡ଼ିଆ ପୋଷ୍ଟ ଉପ୍‌ରେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ପୁଲିସ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ-ସମୀକ୍ଷା I&PR

ରାଜ୍ୟ ଉନ୍ନୟନ୍ କମିଶନର୍ ଆଉ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଏଜ୍ କାନୁପୁର୍, ସୁବର୍ଣ୍ଣରେଖା ଆଉ ଆନନ୍ଦପୁର୍ ଜଳସେଚନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ କାନୁପୁର୍ ପ୍ରକଳ୍ପର ବଡ଼ଭାଗୀ କାମ୍ ସରିଆସିଛେ । ପ୍ରକଳ୍ପ ଜରିଏ ଆଏବା ଡାଲୁଆ ଚାଷ୍ ସମିଆତକ୍ ୧୨ ହଜାର୍ ହେକ୍ଟର୍ ଜଲ୍‌ସେଚନ୍ କରାଯିବା । ସେନ୍ତା ସୁବର୍ଣ୍ଣରେଖା ଜଲ୍‌ସେଚନ୍ ପ୍ରକଳ୍ପର୍ ପହେଲା ଖେପ୍ କାମ୍ ଶେଷ୍ ହେଇଛେ ଆଉ ୨ ନମ୍ବର୍ ଖେପ୍ କାମ୍ ଭିଲ୍ ତୁର୍‌ତି ହଉଛେ । ଆନନ୍ଦପୁର୍ ପ୍ରକଳ୍ପଥି ବୈତରଣୀ ଭୁଜ୍‌ନି କେନାଲ୍ ଆଉ ସାଳନ୍ଦୀ ଡେବ୍‌ରୀ କେନାଲ୍ କାମ୍ ପୁରା ହେବାର୍ ଉପ୍‌ରେ ରହିଛେ ।

ଉପନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା/ଏନ୍‌ଏସ୍‌ଡି

ନୂଆପଡ଼ା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ଉପ ନିର୍ବାଚନ୍ ଲାଗି ଆଏଜ୍ ମୁଖ୍ୟ ନିର୍ବାଚନ୍ ଆୟୁକ୍ତ-ସିଇସି ଜ୍ଞାନେଶ୍ କୁମାର୍ ତାରିଖ୍ ଘୋଷ୍‌ନା କରିଛନ୍ । ସିଇସିଙ୍କର୍ ସୂଚ୍‌ନା ଅନ୍‌ସାରେ, ନଭେମ୍ବର୍ ୧୧ ତାରିଖ୍ ଦିନ ନୂଆପଡ଼ା ନ ଭୋଟ୍ ହେବା ଆଉ ୧୪ ତାରିଖ୍ ଦିନ ଫଲାଫଲ୍ ଘୋଷ୍‌ନା ହେବା । ନିର୍ବାଚନ୍ ଲାଗି ଆଏବା ୨୦ ତାରିଖ୍ ନାମାଙ୍କନ୍ ଦାଖଲ୍ ଶେଷ୍ ତାରିଖ୍ ଥିବାର୍ ବେଲେ ୨୨ ତାରିଖ୍ ନାମାଙ୍କନ୍ ଯାଂଚ୍ ଆଉ ୨୪ ତାରିଖ୍ ନାମାଙ୍କନ ପ୍ରତ୍ୟାହାର୍‌ର ଶେଷ୍ ତାରିଖ୍ ଧାରିଜ୍ କରାଯାଇଛେ । ଇଥିର୍‌ଲାଗି ଆଏବା ୧୩ ତାରିଖ୍ ବିଜ୍ଞପ୍ତି ବାହାର୍‌ବା । ବିଜ୍ଞପ୍ତି ବାହାରୁନ୍‌ସାର୍ ଆଦର୍ଶ ଆଚରଣ ବିଧି ଲାଗୁ ହେବା ବଲି ଆୟୁକ୍ତ ସୂଚ୍‌ନା ଦେଇଛନ୍ ।

ନୂଆପଡ଼ା ସଙ୍ଗେ ୮ ଟା ଜାଗା ନ ୧୧ ତାରିଖ୍ ଉପନିର୍ବାଚନ୍ ଆଉ ବିହାର୍ ନ ୨ ଟା ଖେପେ ବିଧାନ୍‌ସଭା ନିର୍ବାଚନ୍ କରାଯିବା ବଲି ଆୟୁକ୍ତ ଘୋଷ୍‌ନା କରିଛନ୍ ।

ନୂଆପଡ଼ା ନିର୍ବାଚନ୍-ସିଇଓ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆପଡ଼ା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଉପନିର୍ବାଚନ୍ ତାରିଖ୍ ଘୋଷ୍‌ନା ହେବାର୍ ଉତ୍‌ରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ -ସିଇଓ ଆଏଜ୍ ଗଣମାଧ୍ୟମ୍ ସାମ୍ନା ନ ଭିନ୍ ଭିନ୍ ତଥ୍ୟ ରଖିଛନ୍ । ସିଇଓଙ୍କର୍ ସୂଚ୍‌ନା ଅନ୍‌ସାରେ ନୂଆପଡ଼ା

ଜିଲ୍ଲା ନ ଇହାଦେ ୨ ଲାଖ୍ ୪୮ ହଜାର୍ ଭୋଟର୍ ଥିବାର୍ ବେଳେ ୩ ଶହ ୫୮ ଟା ମତଦାନ୍ କେନ୍ଦ୍ର ରହିଛେ । ଇ ବଛର୍ ୫୬ ଟା ନୂଆଁ ମତଦାନ୍ କେନ୍ଦ୍ର ଖୁଲାଯାଇଛେ । ନୂଆପଡ଼ା ନ ଇ ବଛର୍ ସବୁ ବୁଥ୍ ନ ୱେବ୍‌କାଷ୍ଟିଂ ହେବା । ସେନ୍ତା ଆଏବା ୧୦ ତାରିଖ୍‌ତକ୍ ଭୋଟର୍‌ମାନେ ନିର୍ବାଚନ୍ ଲାଗି ନିଜର୍ ନାଁ ଜୁଡ଼ିପାର୍‌ବେ ବଲି ସିଇଓ ସୂଚ୍‌ନା ଦେଇଛନ୍ ।

ଯୁକ୍ତ ଦୁଇ-ଫର୍ମ ଫିଲଅପ୍ ହି.ସ.

ଯୁକ୍ତ ଦୁଇ ପରୀକ୍ଷା ଫର୍ମ ଫିଲଅପ୍ ଲାଗି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍-ସିଏଚ୍‌ଏସ୍‌ଇ ତର୍‌ଫୁ ଆଏଜ୍ ତାରିଖ୍ ଘୋଷ୍‌ନା କରାଯାଇଛେ । ଘୋଷ୍‌ନା ଅନ୍‌ସାରେ ରେଗୁଲାର୍ ପରୀକ୍ଷାର୍ଥୀମାନେ ଆଏବା ୨୦ ନୁ ନଭେମ୍ବର୍ ୬ ତାରିଖ୍ ଭିତ୍‌ରେ ଫର୍ମ ଫିଲଅପ୍ କରିପାର୍‌ବେ । ସେନ୍ତା ଏକ୍ସ-ରେଗୁଲାର୍ ପରୀକ୍ଷାର୍ଥୀମାନେ ଆଏବା ୧୩ ନୁ ୨୫ ତାରିଖ୍ ଭିତ୍‌ରେ ଫର୍ମ ଭରିପାର୍‌ବେ । ନଭେମ୍ବର୍ ୧୦ ନୁ ୧୪ ତାରିଖ୍ ଭିତ୍‌ରେ ଫର୍ମ ଫିଲଅପ୍ କଲେ ୨ ଶହ ଟଙ୍କା ଫାଇନ୍ ଆର୍ ୧୭ ନୁ ୧୯ ତାରିକ୍ ଭିତ୍‌ରେ ଫର୍ମ ଭର୍‌ଲେ ୬ ଶହ ଟଙ୍କା ଫାଇନ୍ ପଡ୍‌ବା ବଲି ସିଏଚ୍‌ଏସ୍‌ଇ ତର୍‌ଫୁ କୁହାଯାଇଛେ ।

## ଗଜଲକ୍ଷ୍ମୀ ପୂଜା ଆର୍‌ଏନ୍‌ୟୁ /ସମ୍ବଲପୁର

ଢେଙ୍କାନାଲ୍ ନ ଆଏଜ୍‌ଠାନୁ ପ୍ରସିଦ୍ଧ ଗଜଲକ୍ଷ୍ମୀପୂଜା ମୁଲ୍ ହେଇଛେ । କଲସ୍ ଯାତ୍ରା, ଆବାହନ୍, ପୂଜା ଉତ୍‌ରୁ ସଞ୍ଜ୍‌ବେଲେ ଉତ୍ସବ୍ ମୁଲ୍ ହେଉଛେ । ୧୧ ଦିନ୍‌ତକ୍ ଚାଲ୍‌ବାର୍‌କେ ଥିବାର୍ ଇ ପୂଜା ଉତ୍ସବ୍ ଲାଗି ଢେଙ୍କାନାଲ୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ହେନ୍ତା ସମ୍ବଲ୍‌ପୁର୍ ସହରର୍ ମୁଦିପଡ଼ା ଆର୍ ଅଲ୍‌ଗା ଜାଗାମାନ୍‌କେ ଗଜଲକ୍ଷ୍ମୀ ପୂଜାର୍ ଲାଗି କଲସ୍ ଶୋଭାଯାତ୍ରା ବାହାରିଥିଲା । ଇନ ପୂଜା ସମିଥ୍ ସଞ୍ଜ୍‌ବେଲେ ଭଜନ୍ ସମାରୋହର କାର୍ଯ୍ୟକ୍ରମ୍ ରଖାଯାଇଛେ । ଜିଲ୍ଲାର୍ ହୀରାକୁଦ୍, ରେଢ଼ାଖୋଲ୍, ସହଯୋଗ୍ ନଗର୍, ତଅଁଲା ପଡ଼ା, ସାକ୍ଷୀଗୋପୀନାଥ୍ ପଡ଼ା, ବୁଢ଼ାକଟା, କଦ୍‌ଲୀଗଡ଼୍, ତ୍ରିବଣପୁର, କୁକୁଡ଼ାବାହାଲି, ପନ୍‌କିମାଲ୍, ଗୋଶାଲା ବାଗିର୍ ଭିନ୍ ଭିନ୍ ଜାଗା ନ ଗଜଲକ୍ଷ୍ମୀ ପୂଜା ହେଇଛେ ।

## ରାଜରାଜେଶ୍ୱରୀ ବେଶ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ଦଶ୍‌ରାପୁନି ଅବ୍‌ସରେ ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ମା ସମଲେଶ୍ୱରୀ ଆଏଜ୍ ଭକ୍ତମାନ୍‌କୁ ରାଜରାଜେଶ୍ୱରୀ ବେଶଥି ଦର୍ଶନ୍ ଦଉଛନ୍ । ବଛର୍‌କ ଥରେ ଦଶ୍‌ରା ପୁନି କି

କୁମାର ପୂର୍ଣ୍ଣିମା ଦିନ ସମଲେଶ୍ୱରୀଙ୍କର୍ ଇ ମନୋହର ରୂପ ଦର୍ଶନ୍ ଲାଗି ଭକ୍ତମାନ୍‌କର୍ ଜବର୍ ଭିଡ୍ ହେଇଛେ । ୪ ଶହ ବରସ୍‌ନୁ ଅଏତ୍‌କା ସମିଆନୁ ଦଶ୍ରା ପୁନି ଦିନ ଗୁଡ଼ିର୍ ଭଣ୍ଡାର୍ ଘରେ ଥିବା ସୁନା, ରୂପା ଆର୍ ଭିନ୍ ଭିନ୍ ପଥର୍‌ର ଆଭୂଷଣ୍ ସମଲେଇ ଇ ଦିନ ଧାରଣ୍ କର୍‌ସନ୍ । ହେନ୍ତା ସହରର୍ ପାଟଣେଶ୍ୱରୀ, ବାଟ୍‌ମଙ୍ଗଲା, ବନଦୁର୍ଗା, ଭୁବ୍‌ନେଶ୍ୱରୀ ଆର୍ ଅଲ୍‌ଗା ଗ୍ରାମଦେବୀ ପୀଠ ମାନ୍‌କେ ଆଏଜ୍ ବିଶେଷ୍ ପୂଜା ନୀତି କରାଯାଇଥିଲା । ସଞ୍ଜ୍‌ବେଲେ ଜିଲ୍ଲାର୍ ଦେବୀ ମନ୍ଦିର୍ ମାନ୍‌କେ ଦଧିନଉଡି ନ ମହାଆଲ୍‌ତୀ ଉତ୍‌ରୁ ନୂଆଁ ଧ୍ୱଜା ଲଗାଯାଇଥିଲା । ପୂଜକ ପରିବାର୍‌ର ସଦସ୍ୟମାନେ ଆଖ୍‌ଡ଼ା ପ୍ରଦର୍ଶନ୍ କରିଥିଲେ ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ବୌଦ୍ଧ/ ବରଗଡ଼/ ଦେବଗଡ଼/ସୁବର୍ଣ୍ଣପୁର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୦ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୧୩ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ବର୍‌ଗଡ଼୍ ଜିଲ୍ଲା ସଦର୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଜନଅଭିଯୋଗ୍ ଶୁଣାଣି ଶିବିର୍‌ଥି ଶହେ ୭ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ କଂଟାପାଲି ଗ୍ରାମ୍ ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୮ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୫ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଆର୍‌ଏସ୍‌ଏସ୍-ଶହେ ବଛର ସୁବର୍ଣ୍ଣପୁର୍ ସମ୍ବାଦଦାତା

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ- ଆର୍‌ଏସ୍‌ଏସ୍‌ର ଶହେ ବଛର୍ ପୂର୍ତି ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ଠାନେ ଆଏଜ୍ ପଥ ସଂଚଳନ କାର୍ଯ୍ୟକ୍ରମ୍ ହେଇଯାଇଛେ । ଆର୍‌ଏସ୍‌ଏସ୍ ସଦସ୍ୟମାନେ ସୁରେଶ୍ୱରୀ ମନ୍ଦିର୍ ପରିସର୍‌ନୁ ଶୋଭାଯାତ୍ରାଥି ବାହାରିକରି ନଗର୍ ପରିକ୍ରମା କରିଥିଲେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ପାଗ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ସମ୍ବଲପୁର, ଝାର୍‌ସୁଗୁଡ଼ା, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ଧୁକାଗର୍ଦ୍ଦି ସାଙ୍ଗେ ଘଡ଼୍‌ଘଡ଼ି ମାରିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୯ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।